بِسۡمِ اللّٰہِ الرَّحۡمٰنِ الرَّحِیۡمِ

୩୦ ଅକ୍ଟୋବର ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

ନବୀଶିରୋମଣୀ ହଜରତ ମୁହମ୍ମଦ[ସ.ଅ]ଙ୍କର୍ ଅଳ୍ପକେ ସନ୍ତୁଷ୍ଟ ହେବା ଓ ବିନମ୍ରତା ପ୍ରଦର୍ଶନ କରିବା ଜୀବନୀର୍ ବିଶ୍ୱାସ ବର୍ଦ୍ଧକ ଆଲୋଚନା ।

ଅଗ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ୱହ୍‌ଦହୁ ଲାଶରିକା ଲହୁ ୱ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟ୍ୟାକା ନାବୁଦୁ ୱ୍ୱ ଇୟ୍ୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱର[ଅ.ବ] କହିଲେ; ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ଅତି ସାଧାରଣ ଜୀବନ ଓ ସରଳ ଚଳଣୀ ସମ୍ପର୍କରେ ଆଲୋଚନା ଚାଲିଥିଲା । ଗତ ସପ୍ତାହରେ ଏହି ପ୍ରସଙ୍ଗରେ ଅର୍ଥାତ୍ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କ ଖାଦ୍ୟପ୍ରେୟର ସରଳତା ଏବଂ ଖାଇବା ପିଇବାର ପଦ୍ଧତି ତଥା ମହାଭାଗଙ୍କର ସରଳ ଚଳଣୀର ସ୍ତର କ'ଣ ଥିଲା ଆଦି ବିଷୟରେ ବର୍ଣ୍ଣନା କରାଯାଇଥିଲା । ହଜରତ ମୁସଲେହ ମଉଦ[ର.ଅ] କୁହନ୍ତି; ହୁଜୁର[ସ.ଅ]ଙ୍କ ପ୍ରତ୍ୟେକଟି କାର୍ଯ୍ୟ ନିଜ ଭିତରେ ଏକ ନିରାଡ଼ମ୍ବରତାର ରଙ୍ଗ ରଖୁଥିଲା । ଯେଉଁମାନେ ଉତ୍ତମ ଖାଦ୍ୟ ଖାଇବାରେ ଅଭ୍ୟସ୍ତ, ସେମାନେ ନିଶ୍ଚୟ ଚିନ୍ତା କରୁଥିବେ ଯେ ରସୁଲୁଲ୍ଲାଃ[ସ.ଅ] ଉତ୍ତମରୁ ଉତ୍ତମ ଖାଦ୍ୟ ଖାଉଥିବେ ଏବଂ ଆପଣଙ୍କ ଆଗରେ ରାଜକୀୟ ଖାଦ୍ୟ ଥାଳି ବିଛା ହେଉଥିବ । କିନ୍ତୁ ସେମାନେ ଏହା ଜାଣି ଆଶ୍ଚର୍ଯ୍ୟ ହେବେ ଯେ ବାସ୍ତବତା ଏହାର ସମ୍ପୂର୍ଣ୍ଣ ବିପରୀତ ଥିଲା । ଯଦି ଗୋଟିଏ ପଟେ ହୁଜୁର[ସ.ଅ] ସରଳତାର ପୂର୍ଣ୍ଣ ପ୍ରତିମୂର୍ତ୍ତି ଥିଲେ, ତେବେ ଅନ୍ୟପଟେ ଅତି ସାମାନ୍ୟ ଜୀବନଯାପନ କରିବାରେ ପୁଣ୍ୟଶ୍ଲୋକ ସମଗ୍ର ବିଶ୍ୱ ପାଇଁ ଏକ ଆଦର୍ଶ ଥିଲେ ।

ମହାମାନ୍ୟ ହୁଜୁର ଅନୱର[ଅ.ବ] କହିଲେ; ହଜରତ ଆଏଶା[ର.ଅ] ନିଜ ଭଣଜା ହଜରତ ଉରୱା[ର.ଅ]ଙ୍କୁ କହିଲେ; ହେ ମୋର ଭଣଜା ! ଆମେ ତ ଚନ୍ଦ୍ର ଦର୍ଶନ ପରେ ଚନ୍ଦ୍ର ଦର୍ଶନ କରୁଥିଲୁ, ଏପରିକି କ୍ରମାଗତ ଭାବରେ ତିନୋଟି ଚନ୍ଦ୍ର ଦର୍ଶନ କରିନେଉଥିଲୁ ଅର୍ଥାତ୍ ଚନ୍ଦ୍ରମାର ଦୁଇ ମାସ ବିତି ଯାଉଥିଲା ଓ ମହାଭାଗଙ୍କ ଘରେ ଚୁଲିଜଳୁ ନଥିଲା । ପ୍ରଶ୍ନକର୍ତ୍ତା ପଚାରିଲେ, ତେବେ ଆପଣମାନେ କ'ଣ ସେବନ କରୁଥିଲେ ? ହଜରତ ଆଏଶା[ର.ଅ] ଉତ୍ତର ଦେଲେ, ଆମେ ଖଜୁରୀ ଓ ଜଳ ପାନ କରୁଥିଲୁ ଓ କେବେ ଅନସାର୍ ପଡିଶାମାନେ ଛେଳି କ୍ଷୀର ପଠାଇ ଦେଲେ, ତାହା ପାନ କରି ନେଉଥିଲୁ । ଅଲ୍ଲାଃ ଅଲ୍ଲାଃ ! କି ସରଳ ଜୀବନ ଯେ ଦୁଇ ମାସ ପର୍ଯ୍ୟନ୍ତ ଚୁଲି ଜଳେ ନାହିଁ ଏବଂ କେବଳ ଖଜୁରୀ, ପାଣି ଓ କ୍ଷୀରରେ ଦିନ କଟୁଥିଲା । ଏହି ଇତିହାସକୁ ଦେଖି ମୁସଲମାନମାନଙ୍କୁ ଲଜ୍ଜିତ ହେବା ଉଚିତ୍ । ମୁସଲମାନମାନଙ୍କ ମଧ୍ୟରେ କେତେକ ଧନୀ ବ୍ୟକ୍ତି ମଧ୍ୟ ଅଛନ୍ତି, ଯେଉଁମାନେ ଆଜିକାଲି ଏହି ଖାଦ୍ୟପ୍ରେୟ ଭକ୍ଷଣ କରିବା ରୋଗରେ ଗ୍ରସିତ ଅଛନ୍ତି । ସେମାନଙ୍କ ଦେଖାଦେଖି କମ୍ ଆର୍ଥିକ ସମ୍ବଳ ଥିବା ଲୋକମାନେ ମଧ୍ୟ ଅଧିକ ଖର୍ଚ୍ଚ କରିବାକୁ ଚେଷ୍ଟା କରୁଛନ୍ତି । ହଜରତ ମୁସଲେହ ମଉଦ[ର.ଅ] କହନ୍ତି; ମୁସଲମାନମାନଙ୍କର ଟଙ୍କାପଇସା, ଖାଇବା ପିଇବାରେ ଅଧିକ ଖର୍ଚ୍ଚ ହୋଇଯାଏ ଏବଂ ସେଥିରେ ସେମାନେ ଋଣଗ୍ରସ୍ତ ହୋଇଯା'ନ୍ତି ।

ପ୍ରିୟ ହୁଜୁର ଅନୱର[ଅ.ବ] କହିଲେ; ଆଜିକାଲି ଏପରି ଦାବି ବୃଦ୍ଧି ପାଉଛି ଯେ ଆମର ଖାଦ୍ୟପ୍ରେୟ ମାନ ଭଲ ନୁହେଁ । ଅଥଚ ଯେକୌଣସି ଆୟ ହେଉ, ସେଥିରେ ହିଁ ଗୁଜୁରାଣ ମେଣ୍ଟାଇବା ଉଚିତ୍ । ମହାମାନ୍ୟ ହୁଜୁର ଅନୱର[ଅ.ବ] କହିଲେ; ଦେଖ ପୁଣ୍ୟଶ୍ଲୋକ ଯଦି ଗୋଟିଏ ପଟେ ସରଳତାର ଆଦର୍ଶ ଥିଲେ ତେବେ ଅନ୍ୟପଟେ ସନ୍ନ୍ୟାସ ଜୀବନକୁ ନାପସନ୍ଦ କରୁଥିଲେ । ଯଦି ଅତି ଉଚ୍ଚକୋଟୀର ଖାଦ୍ୟ ପରସା ଯାଉଥିଲା ତେବେ ମହାଭାଗ ତାହାକୁ ମଧ୍ୟ ସେବନ କରି ନେଉଥିଲେ । ଏହା ନୁହେଁ ଯେ ନିଜର ପ୍ରବୃତ୍ତିକୁ ଦମନ କରିବା ପାଇଁ ଖାଦ୍ୟକୁ ମନା କରି ଦେଉଥିଲେ । ଏହି ମାନଦଣ୍ଡ

ହିଁ ଆପଣଙ୍କୁ ଅନ୍ୟମାନଙ୍କ ଠାରୁ ଶ୍ରେଷ୍ଠତା ପ୍ରଦାନ କରେ । କାରଣ ଆପଣ ସମଗ୍ର ବିଶ୍ୱ ପାଇଁ ଆଦର୍ଶ ହୋଇ ଆସିଥିଲେ, କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀ ପାଇଁ ନୁହେଁ । **ତେଣୁ ହୁଜୁର**ସ.ଅ **ସଂପୂର୍ଣ୍ଣ ଓ ମହାନ ହେବା ଅପରିହାର୍ଯ୍ୟ ଥିଲା** । ଗୋଟିଏ ପଟେ ମହାଭାଗ ସାଧାସିଧା ଜୀବନରେ ପୂର୍ଣ୍ଣତା ରଖୁଥିଲେ ତେବେ ଅନ୍ୟପଟେ ଉତ୍ତମ ବସ୍ତୁଗୁଡ଼ିକର ବ୍ୟବହାରରୁ ପାଦ ପଛକୁ କାଢୁ ନଥିଲେ । କିନ୍ତୁ ସାଧାରଣତଃ ମହାଭାଗଙ୍କ ଗୁଜୁରାଣ ସାଧାସିଧା ଜୀବନ ଉପରେ ହିଁ ଦେଉଥିଲା ଏବଂ ଖାଦ୍ୟ କେବଳ ଏଥିପାଇଁ ଖାଉଥିଲେ ଯେ ଜୀବିତ ରହିବା ନିମନ୍ତେ ତାହା ଅନିବାର୍ଯ୍ୟ ଓ କାମ କରିବାର ଶକ୍ତି ମିଳୁଥାଉ ।

ନବୀଶିରୋମଣୀସ.ଅ ଜୀବନରେ ଏହି ଆଦର୍ଶ ମଧ୍ୟ ଦେଖାଇ ଦେଲେ ଯେ ସବୁ ପ୍ରକାରର ଉତ୍ତମରୁ ଉତ୍ତମ ଖାଦ୍ୟ ମଧ୍ୟ ବ୍ୟବହାର କରିଥିଲେ । ଅନ୍ୟପଟେ ସାଧାସିଧା ଜୀବନଯାପନ ମାଧ୍ୟମରେ ଆମର ଧନୀକ ବ୍ୟକ୍ତିମାନଙ୍କ ପାଇଁ ମଧ୍ୟ ଏକ ଆଦର୍ଶ ନିରୂପଣ କରିଗଲେ, ଯେଉଁମାନଙ୍କ ଜୀବନର ଚରମ ଲକ୍ଷ୍ୟ କେବଳ ଉଚ୍ଚମାନର ଖାଦ୍ୟ ଖାଇବା ଓ ପୋଷାକ ପରିଧାନ କରିବା ହୋଇଥାଏ । ମହାମହିମ ହୁଜୁର ଅନୱରଅ.ବ କହିଲେ; ଭଲ ଖାଦ୍ୟ ଖାଇବା ସମ୍ପର୍କରେ ଏକ **ହଦିସ୍** ରହିଛି ଯେ ରସୁଲୁଲ୍ଲାଃସ.ଅ ଛେଳିର କାନ୍ଧ-ମାଂସ ଖାଉଥିଲେ । ହଜରତ ମସିହ ମଉଦଅ.ସ କୁହନ୍ତି; ହୁଜୁରସ.ଅ ଛୁରିରେ ମାଂସ କାଟି ଖାଇଥିଲେ ଏବଂ ଏହି କାର୍ଯ୍ୟ ଏଥିପାଇଁ କରିଥିଲେ ଯେ ନିଜ ଅନୁଗାମୀମାନଙ୍କୁ କୌଣସି ଅସୁବିଧା ନହେଉ । ଜରୁରୀ ଆବଶ୍ୟକତା ସମୟରେ ଏହିପରି ଖାଇବା ବୈଧ । କିନ୍ତୁ ଏହାର ଅଭ୍ୟାସ ହୋଇଯିବା ଓ ଅହଂକାର କରିବା ତଥା ଅନ୍ୟ ପଦ୍ଧତିଗୁଡ଼ିକୁ ତୁଚ୍ଛ ମନେ କରିବା ନିଷିଦ୍ଧ । ଯଦି ଅନ୍ୟ ଜାତିମାନଙ୍କର ଅନୁକରଣ କରିବାକୁ ଲାଗିବା ତେବେ ମନୁଷ୍ୟ ପବିତ୍ରତା ମଧ୍ୟ ତ୍ୟାଗ କରିଦିଏ । ହଜରତ ମସିହ ମଉଦଅ.ସ କେତେକ ସମୟରେ କାମ କରୁକରୁ ମେଜ ଉପରେ ମଧ୍ୟ ଖାଦ୍ୟ ସେବନ କରି ନେଉଥିଲେ ଓ ଭୂଇଁ ଉପରେ ବସି ମଧ୍ୟ ଖାଇ ନେଉଥିଲେ ।

ମହାମାନ୍ୟ ହୁଜୁର ଅନୱରଅ.ବ କହିଲେ; ହଜରତ ମୁହମ୍ମଦ ମୁସ୍ତଫାସ.ଅଙ୍କ ବିବାହ ଓ **ୱଲିମା** (ବିବାହ ଭୋଜି) ସମ୍ପର୍କରେ ଏହି ବର୍ଣ୍ଣନା ମିଳେ ଯେ ହୁଜୁରସ.ଅ ହଜରତ ସଫିୟାର.ଅଙ୍କୁ ମୁକ୍ତ କରିଦେଇ ତାଙ୍କୁ ବିବାହ କରିଥିଲେ । ଆଉ ତାଙ୍କର ମୁକ୍ତି ପାଇବା ହିଁ ତାଙ୍କର **ମହର୍** (ସ୍ତ୍ରୀ ଧନ) ଥିଲା, ସେହି ଯାତ୍ରା ସମୟରେ ରସୁଲୁଲ୍ଲାଃସ.ଅ ସକାଳ ସମୟରେ **ଦସ୍ତରଖାନ୍** (ଖାଇବା ଆସନ) ବିଛାଇ ଦେଇଥିଲେ ଏବଂ ସମସ୍ତଙ୍କୁ କହିଥିଲେ ଯେ ଯାହା ପାଖରେ ଯାହା ଅଛି ତାହା ନେଇ ଆସନ୍ତୁ । କେହି ଖଜୁରୀ ନେଇ ଆସିଲେ ତ କେହି ଘିଅ ଓ କେହି ଛତୁଆ ଘେନି ଆଣିଲେ । ପୁଣି ସେଗୁଡ଼ିକୁ ସବୁ ଏକାଠି ମିଶାଇ ଚକଟି ଦେଲେ ଏବଂ ଏହା ହିଁ ହୁଜୁରସ.ଅଙ୍କ **ୱଲିମା** ଥିଲା ।

ପ୍ରିୟ ହୁଜୁର ଅନୱରଅ.ବ କହିଲେ; ପ୍ରତ୍ୟେକ ବ୍ୟକ୍ତିର ନିମନ୍ତ୍ରଣ ମହାଭାଗ ସ୍ୱୀକାର କରୁଥିଲେ । ହଜରତ ଅନସ୍ର.ଅ ବର୍ଣ୍ଣନା କରନ୍ତି; ଜଣେ ଦର୍ଜୀ ହୁଜୁରସ.ଅଙ୍କୁ ନିମନ୍ତ୍ରଣ କଲେ । ସେ କୁହନ୍ତି; ମୁଁ ମଧ୍ୟ ସେହି ନିମନ୍ତ୍ରଣରେ ମହାଭାଗଙ୍କ ସାଙ୍ଗରେ ଯାଇଥିଲି, ହୁଜୁରସ.ଅଙ୍କ ସେବାରେ ଯଅ'ର ରୁଟି ଓ ଝୋଳ ଉପସ୍ଥାପନ କରାଗଲା । ଯେଉଁଥିରେ କଖାରୁ ଓ ଶୁଖିଲା ମାଂସର ଖଣ୍ଡସବୁ ମିଶିଥିଲା । ହଜରତ ଅନସ୍ର.ଅ ବର୍ଣ୍ଣନା କରନ୍ତି, ମୁଁ ଦେଖିଲି ମହାଭାଗ ପାତ୍ରର ଚାରିପାଖରୁ କଖାରୁ ଖଣ୍ଡଗୁଡ଼ିକୁ ବାଛିବାଛି ଖାଉଛନ୍ତି । ସେହିଦିନ ଠାରୁ ମୁଁ ମଧ୍ୟ କଖାରୁ ପସନ୍ଦ କରିବାକୁ ଲାଗିଲି । ହଜରତ ମୁସଲେହ ମଉଦର.ଅ କୁହନ୍ତି; ହୁଜୁରସ.ଅଙ୍କର କଖାରୁ ଅତି ପ୍ରିୟ ଥିଲା । ପୁନଶ୍ଚ ସେହି ସମୟ ମଧ୍ୟ ଆସିଲା ଯେତେବେଳେ ମହାଭାଗଙ୍କୁ ଆହାର ମଧ୍ୟ ମିଳି ନଥିଲା । ସେହି ବ୍ୟକ୍ତି ମୂର୍ଖ ଯିଏ କହେ ଯେ ହଜରତ ମୁହମ୍ମଦସ.ଅ ଉତ୍ତମ ମାଂସ କାହିଁକି ଖାଇଲେ, ଉତ୍ତମ ଓ ରାଜକୀୟ ଶରବତ୍ କାହିଁକି ପିଇଲେ, ଉତ୍ତମ ବସ୍ତ୍ର କାହିଁକି ସେବନ କଲେ । କାରଣ ସେ ଏହା ଦେଖନ୍ତି ନାହିଁ ଯେ ହୁଜୁରସ.ଅ ଉପାସ ମଧ୍ୟ ରହିଥିଲେ ଓ ନିଜ ପେଟରେ ପଥର ମଧ୍ୟ ବାନ୍ଧିଥିଲେ । ଆଉ ପବିତ୍ର ଅବତାରଙ୍କ ଉପରେ ଏପରି ଦିନ ବି ଆସିଥିଲା ଯେତେବେଳେ ଜଣେ ଗରିବ ମହିଳା ମହାଭାଗଙ୍କ ଘରକୁ କିଛି ମାଗିବାକୁ ଆସିଥିଲେ ସେତେବେଳେ ହଜରତ ଆଏଶାର.ଅ କହିଲେ; ଆଜି ତ ଆମ ଘରେ ଖାଇବା ଜିନିଷ କିଛି ହେଲେ ନାହିଁ । କିନ୍ତୁ ଖୋଜାଖୋଜି କରିବା ପରେ ମାତ୍ର ଏକ ଖଜୁରୀ ମିଳିଥିଲା । ଯାହାକୁ ସେହି ମହିଳାଜଣକୁ ପ୍ରଦାନ କରିଦିଆଗଲା ଏବଂ ସେ ତାହାକୁ ଦୁଇ ଭାଗ କରି ନିଜର ଦୁଇ କନ୍ୟାଙ୍କୁ ଦେଇଦେଲେ । ଏହି ଘଟଣା ସମ୍ପର୍କରେ ହଜରତ ଆଏଶାର.ଅ ହୁଜୁରସ.ଅଙ୍କୁ ଅବଗତ କରିବାରୁ ମହାଭାଗ କହିଲେ; ଯଦି କାହା ଘରେ ଦୁଇଜଣ କନ୍ୟା ଥାଆନ୍ତି ଓ **ସେ ସେମାନଙ୍କର ଉତ୍ତମ ରୂପେ ପାଳଣପୋଷଣ କରେ ତେବେ ଅଲ୍ଲାଃତାଲା ତାହା ଉପରେ ବୈକୁଣ୍ଠ ଅନିବାର୍ଯ୍ୟ କରିଦେବେ** ।

ମହାମହିମ ହୁଜୁର ଅନୱରଅ.ବ କହିଲେ; ନବୀଶ୍ରେଷ୍ଠସ.ଅଙ୍କ ଜୀବନୀ ସଂକ୍ରାନ୍ତରେ ଯେତେବେଳେ କେହି ଶୁଣେ କିମ୍ବା ପଢ଼େ ତେବେ ସେଥିରେ ବର୍ଣ୍ଣିତ ପ୍ରତ୍ୟେକଟି ଘଟଣାରେ ପ୍ରଶିକ୍ଷଣ, ଜ୍ଞାନ ଓ ଉପଦେଶର ଅନେକ ଦିଗ ଦେଖିବାକୁ ମିଳିଥାଏ । ପ୍ରିୟ ହୁଜୁର ଅନୱରଅ.ବ କହିଲେ; "ଦିବାଚା ତଫ୍‌ସୀରୁଲ୍ କୁରଆନ୍"ରେ ହଜରତ ମୁସଲେହ ମଉଦର.ଅ ହୁଜୁରସ.ଅଙ୍କ ଜୀବନୀ ବର୍ଣ୍ଣନା କରି କହିଛନ୍ତି, ଖାଇବା ପିଇବାରେ ହୁଜୁରସ.ଅ ସରଳତାକୁ ଗୁରୁତ୍ୱ ଦେଉଥିଲେ । ଖାଦ୍ୟରେ କେବେ ଲୁଣ ଅଧିକ ହୋଇଗଲେ କିମ୍ବା କମ୍ ହୋଇଗଲେ କିମ୍ବା ଖାଦ୍ୟ ଖରାପ ହୋଇଥିଲେ ବି କଦାପି ଅସନ୍ତୋଷ ପ୍ରକାଶ କରୁ ନଥିଲେ । ଯେପର୍ଯ୍ୟନ୍ତ ସମ୍ଭବ ଥିଲା ସେହିପରି ଖାଦ୍ୟ ଖାଇନେଇ ରୋଷେଇ କରୁଥିବା ବ୍ୟକ୍ତିଙ୍କ ମନ ଭାଙ୍ଗି ଯିବାରୁ ରକ୍ଷା କରୁଥିଲେ । ଯଦି ଖାଦ୍ୟ ପସନ୍ଦ ଯୋଗ୍ୟ ନଥାଏ ତେବେ ଖାଇବାରୁ ହାତ ରୋକି ନେଉଥିଲେ, କିନ୍ତୁ କିଛି କହୁ ନଥିଲେ । ଆଉ ଯେତେବେଳେ କୌଣସି ଜିନିଷ ଆସୁଥିଲା ସେତେବବେଳେ ସାହାବାମାନଙ୍କ ମଧ୍ୟରେ ବାଣ୍ଟି ଖାଉଥିଲେ । ଏକଦା କିଛି ଖଜୁରୀ ଆସିବାରୁ ସାହାବାମାନଙ୍କ ମଧ୍ୟରେ ସାତ-ସାତଟି ଖଜୁରୀ ବାଣ୍ଟି ଦେଇଥିଲେ ।

ହଜରତ ଆଏଶାର.ଅ ବର୍ଣ୍ଣନା କରିଛନ୍ତି, ମୁଁ ହୁଜୁରସ.ଅଙ୍କୁ କେବେ କାହାକୁ ଗାଳି ଦେଉଥିବାର ଦେଖି ନାହିଁ ଏବଂ ନା ହିଁ ମହାଭାଗଙ୍କ ପାଇଁ କଦାପି କୌଣସି ପୋଷାକ ମଗାଇ ରଖାଯାଉଥିଲା । ଅର୍ଥାତ୍ ହୁଜୁରସ.ଅଙ୍କର କେବଳ ଗୋଟିଏ ହଳ ପୋଷାକ ଥାଏ, ଅନ୍ୟ କୌଣସି ପୋଷାକ ନଥିଲା, ଯାହାକୁ ସଂରକ୍ଷିତ ରଖାଯାଉଥିଲା । ପୋଷାକ ଧୋଇବା ଜରୁରୀ ହେଲେ, ଧୋଇଦେଇ ସେହି ଓଦା ବସ୍ତ୍ର ପରିଧାନ କରି ବାହାରକୁ ଚାଲି ଯାଉଥିଲେ ଯେ ପାଣିର ଦାଗ ମଧ୍ୟ ସେଥିରେ ଦୃଶ୍ୟମାନ ହେଉଥିଲା । ଏହା ହେଉଛି ସରଳତାର ସେହି ଆଦର୍ଶ ଯାହା କୌଣସି ପ୍ରତିଷ୍ଠିତ ବ୍ୟକ୍ତି ଦେଖାଇ ପାରିବେ ନାହିଁ, ନା କେହି କେବେ ଦେଖାଇଛନ୍ତି । ହଜରତ ଇବ୍‌ନେ ଉମର୍ର.ଅ ବର୍ଣ୍ଣନା କରନ୍ତି, ହଜରତ ଉମର୍ର.ଅ ଅତାରଦ୍ ତମିମୀଙ୍କୁ ଏକ ସୁନ୍ଦର ରେଶମ ପୋଷାକ ବଜାରରେ ବିକ୍ରି କରୁଥିବାର ଦେଖିଲେ । ସେହି ବ୍ୟକ୍ତି ଜଣକ ରାଜାମାନଙ୍କ ନିକଟକୁ ଯାଇ (ଏପରି ପୋଷାକ) ପୁରସ୍କାର ହାସଲ କରୁଥିଲେ । ଏଥିରେ ହଜରତ ଉମର୍ର.ଅ ବିନମ୍ରତା ପୂର୍ବକ ନିବେଦନ କଲେ ହେ ଅଲ୍ଲାଃଙ୍କ ରସୁଲ ! ମୁଁ ଅତାରଦ୍‌କୁ ପୋଷାକ ବିକ୍ରି କରୁଥିବାର ଦେଖିଛି । ଅତଃ ଯଦି ଅନୁମତି ଦିଅନ୍ତି ତେବେ ମୁଁ ମହାଭାଗଙ୍କ ପାଇଁ ତାହା ଖରିଦ୍ କରି ଆଣିବି ଏବଂ ଯେତେବେଳେ କୌଣସି ପ୍ରତିନିଧି ଦଳ ଆପଣଙ୍କ ସମ୍ମୁଖରେ ଉପସ୍ଥିତ ହେବେ ସେତେବେଳେ ମହାଭାଗ ତାହାକୁ ପିନ୍ଧି ନେବେ ତେବେ ଏହାର ଏକ ଭଲ ପ୍ରଭାବ ପଡିବ କିମ୍ବା ଶୁକ୍ରବାର ଦିନ ପିନ୍ଧି ନେବେ । ଏଥିରେ ରସୁଲୁଲ୍ଲାଃସ.ଅ କହିଲେ; **ଏହି ଦୁନିଆରେ ରେଶମ କେବଳ ସେହି ବ୍ୟକ୍ତି ପିନ୍ଧିଥାଏ ଯାହାର ପରକାଳରେ କୌଣସି ଅଂଶ ନାହିଁ** ।

ଏହି ଘଟଣାଗୁଡ଼ିକର ବର୍ଣ୍ଣନା ପରେ ହଜରତ ମୁସଲେହ ମଉଦର.ଅ କହିଛନ୍ତି; ପୋଷାକ ପରିଧାନ କରିବାରେ ରସୁଲୁଲ୍ଲାଃସ.ଅ ଏତେ ମାତ୍ରାରେ ସରଳତାର ଅବଲମ୍ବନ କରୁଥିଲେ ଯେ ସେହି ପରିସ୍ଥିତିଗୁଡ଼ିକ ପଢି ମୋତେ ଲଜ୍ଜା ଲାଗୁଛି । ନିଶ୍ଚିତ ରୂପେ ବର୍ତ୍ତମାନ ପରିସ୍ଥିତି ବଦଳି ଯାଇଛି, କିନ୍ତୁ ତଥାପି ଏହି ଘଟଣାଗୁଡ଼ିକ ପଢି ଲଜ୍ଜା ଲାଗୁଛି । ଯଦି ଯୁଗ ଅନୁସାରେ ପୋଷାକ ପାର୍ଥକ୍ୟକୁ ବାଦ ମଧ୍ୟ ଦେଇ ଦିଆଯାଏ ତେବେ ମଧ୍ୟ ହୁଜୁରସ.ଅଙ୍କ ଜୀବନ ଅତି ସରଳ ଥିଲା ଏବଂ ଏହା ବ୍ୟତୀତ ଜଗତର ଉନ୍ନତିର ସମ୍ଭାବନା ନଥିଲା । ହଜରତ ସମୁରା ବିନ୍ ଜୁନ୍ଦୁବ୍ର.ଅ ବର୍ଣ୍ଣନା କରିଛନ୍ତି ଯେ ରସୁଲୁଲ୍ଲାଃସ.ଅ କହିଲେ; ଧଳା ପୋଷାକ ପିନ୍ଧନ୍ତୁ । କାରଣ ଏହା ଅଧିକ ପବିତ୍ର ଓ ଅଧିକ ଉତ୍ତମ । ଏଥିରେ ହିଁ ନିଜର ମୃତକମାନଙ୍କୁ **କଫନ୍** ଦିଅନ୍ତୁ । ଗୋଟିଏ ବର୍ଣ୍ଣନାରେ ଅଛି ଯେ ରସୁଲୁଲ୍ଲାଃସ.ଅ କହିଲେ; କୌଣସି ବ୍ୟକ୍ତି ପେଟ ଅପେକ୍ଷା ଅନ୍ୟ କୌଣସି ଖରାପ ପାତ୍ର ଭର୍ତ୍ତି କରି ନାହିଁ । ଆଦମ୍‌ଙ୍କ ସନ୍ତାନ ପାଇଁ ମାତ୍ର କିଛି ଗୁଣ୍ଡା ସେବନ କରିବା ହିଁ ଯଥେଷ୍ଟ । ଯାହା ତାଙ୍କର ଅଣ୍ଟାକୁ ସିଧା ରଖିବ ଅର୍ଥାତ୍ ପେଟ ମଧ୍ୟ ଏକ ପାତ୍ର । ଏହାକୁ ଭର୍ତ୍ତି କରିଚାଲିଲେ ତହିଁରେ କେବଳ ବିଶୃଙ୍ଖଳା ହିଁ ସୃଷ୍ଟି ହେବ । ମହାଭାଗ କହିଲେ; ଦେଖ ନିଜ ପେଟର ଏକ ତୃତୀୟାଂଶ ଖାଦ୍ୟ ପାଇଁ ରଖ, ଏକ ତୃତୀୟାଂଶ ପାଣି ପାଇଁ ରଖ ଓ ଏକ ତୃତୀୟାଂଶ ନିଶ୍ୱାସ ପ୍ରଶ୍ୱାସ ପାଇଁ ରଖ । ଅର୍ଥାତ୍ ଭୋକ ବାକି ରଖି ଖାଇବାରୁ ହାତ ରୋକି ନେବା ଉଚିତ୍ ।

ପେଟ ରୋଗୀମାନଙ୍କୁ ଡ଼ାକ୍ତରମାନେ ଏହି ପରାମର୍ଶ ଦିଅନ୍ତି, ଯାହା ଆଜି ଠାରୁ ଚଉଦ ଶହ ବର୍ଷ ପୂର୍ବେ ରସୁଲୁଲ୍ଲାଃସ.ଅ ଦେଇଥିଲେ । ହଜରତ ମୁସଲେହ ମଉଦର.ଅ କହିଛନ୍ତି; ସାଧାସିଧା ଜୀବନଯାପନ କାରଣରୁ ଲୋକମାନେ ଏହି କଥାର ଅଭ୍ୟାସୀ ହୋଇଯିବେ ଯେ କଷ୍ଟକୁ ସହ୍ୟ କରିପାରିବେ ଏବଂ କଷ୍ଟଦାୟକ ଦିନଗୁଡ଼ିକ ସତ୍ତ୍ୱେ ସେମାନଙ୍କୁ କଷ୍ଟର ଅନୁଭବ

ହେବ ନାହିଁ । ଅଧିକନ୍ତୁ କୁହନ୍ତି; ଯେପରି ଆଜିକାଲି ଆମେ ଦେଖୁଛୁ ଯେ ୟୁରୋପ ନିକଟରେ ଯାହାସବୁ ସମସ୍ୟା ରହିଛି, ତାହା ଆମର ଦୈନନ୍ଦିନ ଜୀବନର ଅଭ୍ୟାସ । ଯାହାକୁ ସେମାନେ ବିପଦ ଓ ଦୁର୍ଦ୍ଦଶା ମନେ କରୁଛନ୍ତି, ତାହା ଆମ ନିକଟରେ ଶାନ୍ତି ଓ ଆରାମ ଅଟେ । ଏଣୁ ଏହି କଷ୍ଟଗୁଡ଼ିକ ବିଷୟରେ ଆମକୁ ଜଣା ମଧ୍ୟ ପଡେ ନାହିଁ । ହଜରତ ମୁସଲେହ ମଉଦ[ର.ଅ] କହିଛନ୍ତି; କିଛିଦିନ ପୂର୍ବେ କେହି ଜଣେ ମୋତେ କହିଲେ, ଯେ ପୋଷାକ ମିଳିବା କଷ୍ଟକର ହେଉଛି । ଯେତେବେଳେ କି ଜଣେ ବିଶ୍ୱାସକାରୀର ଅବସ୍ଥା ଏହା ହୋଇଥାଏ ଯେ ପୋଷାକ ମିଳିଗଲା ତ ପିନ୍ଧି ନେଲା, ନ ମିଳିଲେ ପୁରୁଣା ପୋଷାକରେ ନଥା ପକାଇ ଚଳାଇ ନେଇଥାଏ । ଦେଖ ମହାନ ଅବତାର[ସ.ଅ]ଙ୍କ ପୋଷାକରେ ବି ନଥା ପଡିଥିଲା । ଆମେ କ'ଣ ତାଙ୍କ ଠାରୁ ବଡ ହୋଇଗଲୁ ଯେ ଆମେ ନିଜ ପୋଷାକରେ ନଥା ପକାଇ ପାରିବୁ ନାହିଁ ? ମହାମାନ୍ୟ ହୁଜୁର ଅନୱର[ଅ.ବ] କହିଲେ; ଏବେ ଦୁନିଆର ଅସୁବିଧାଗୁଡ଼ିକରେ ଏହି ସ୍ୱର ଗୁଞ୍ଜରିତ ହେଉଛି ଯେ ଏହା ମିଳୁ ନାହିଁ, ତାହା ମିଳୁ ନାହିଁ ଏବଂ ଯଦି ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଏ ତେବେ ଜଣା ନାହିଁ ପରିସ୍ଥିତି କିପରି ଶୋଚନୀୟ ହୋଇଯିବ । ମୁଁ ପୂର୍ବରୁ ମଧ୍ୟ ଅନେକ ଥର କହିସାରିଛି ଯେ ଯୁଦ୍ଧ ହେବାର ପରିସ୍ଥିତି ଘନିଭୂତ ହେବାରେ ଲାଗିଛି ଓ ଯଦି ଆହୁରି ଯୁଦ୍ଧ ହୁଏ ତେବେ ୟୁରୋପ କ'ଣ ସମଗ୍ର ବିଶ୍ୱ ମଧ୍ୟ ଖାଦ୍ୟପେୟ ଅଭାବର ସଂକଟର ସମ୍ମୁଖୀନ ହେବ ।

ହଜରତ ମୁସଲେହ ମଉଦ[ର.ଅ] ସେତେବେଳେର ଭାରତ ବର୍ଷର ଉଦାହରଣ ଦେଇଥିଲେ କିନ୍ତୁ ଆଫ୍ରିକା ଓ କମ୍ ଉନ୍ନତ ଦେଶଗୁଡ଼ିକର ଅବସ୍ଥା ଏହିକି ଯେ ସେମାନଙ୍କୁ ସାଧାରଣ ଖାଦ୍ୟ ମଧ୍ୟ ମିଳିଗଲେ ସେମାନେ ବହୁତ ଖୁସି ହୋଇଯାଆନ୍ତି । ସେହି ଲୋକମାନେ ଯୁଦ୍ଧର ପରିସ୍ଥିତିକୁ ସହ୍ୟ କରିନେବେ କିନ୍ତୁ ୟୁରୋପ ଓ ଏହି ବିକଶିତ ରାଷ୍ଟ୍ରଗୁଡ଼ିକ ସହ୍ୟ କରିପାରିବେ ନାହିଁ । ଏପରି ଉତ୍କଟ ପରିସ୍ଥିତି ସେମାନଙ୍କୁ ଅତ୍ୟନ୍ତ ବ୍ୟତିବ୍ୟସ୍ତ କରିଦେବ । ଏଣୁ ଆମକୁ ମଧ୍ୟ ନିଜର ଅବସ୍ଥାଗୁଡ଼ିକର ସମୀକ୍ଷା କରିବା ଉଚିତ୍ ଏବଂ ନିଜ ମଧ୍ୟରେ ଅଳ୍ପକେ ସନ୍ତୁଷ୍ଟ ହେବା ଭାବନା ଜାତ କରିବା ଉଚିତ୍ । ଆଉ ସାଧାସିଧା ଜୀବନଯାପନ କରିବାକୁ ଚେଷ୍ଟା କରିବା ଉଚିତ୍ । ହୁଜୁର[ସ.ଅ]ଙ୍କ ଆଦର୍ଶ ଓ ସେହି ସମୟକୁ ନିଜ ସାମ୍ନାରେ ରଖିବା ଉଚିତ୍ । ଯଦି ଉତ୍ତମ ଜିନିଷ ଓ ଖାଦ୍ୟ ମିଳେ ତେବେ ଅବଶ୍ୟ ତାହା ସେବନ କରନ୍ତୁ । ଉତ୍ତମ ଜିନିଷ ମିଳିଲେ ତାହା ନିଶ୍ଚୟ ପରିଧାନ କରନ୍ତୁ । କିନ୍ତୁ ସେଗୁଡିକ ଉପରେ ନିର୍ଭରଶୀଳ ହୋଇଯିବା ଓ ଯଦି ତାହା ନମିଳେ ତେବେ 'ମରିଗଲୁ' ବୋଲି ଚିତ୍କାର କରିବା, ଭୁଲ । ଏହି ଦୁଆ ମଧ୍ୟ କରନ୍ତୁ ଯେ ଅଲ୍ଲାଃତାଲା ସଂସାରବାସୀଙ୍କୁ ଏହି ବିପର୍ଯ୍ୟୟରୁ ରକ୍ଷା କରନ୍ତୁ । ନିଜର ଅହଂକାର ଯୋଗୁଁ ଏମାନେ ବିନାଶର ଗର୍ତ୍ତକୁ ଖସି ଯିବାକୁ ଚେଷ୍ଟା କରୁଛନ୍ତୁ । ଯଦି ଏହି ପରିସ୍ଥିତି ଲାଗି ରହେ ତେବେ ବିଶ୍ୱଯୁଦ୍ଧ ନିଶ୍ଚିତ, ତା'ପରେ ସେମାନଙ୍କର ବିନାଶ ମଧ୍ୟ ସୁନିଶ୍ଚିତ । ଅନ୍ୟମାନଙ୍କ ଧନ ଓ ଜମି ଜବତ କରିବା ପରିବର୍ତ୍ତେ ଏହି ଲୋକମାନଙ୍କୁ ଆବଶ୍ୟକ ଯେ ସେମାନେ ନିଜ ଜନତାଙ୍କର ସେବା କରନ୍ତୁ । ଅଲ୍ଲାଃତାଲା ଆମମାନଙ୍କୁ ମଧ୍ୟ ସତ୍କର୍ମରେ ପ୍ରତିଷ୍ଠିତ ରହିବାକୁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟ୍ୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟ୍ୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

30th October 2026

Translated to Odia by : Moulavi Anwar Ahmad Khan